## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ କେତାଙ୍ଗ ଗ୍ରାମରେ ଭାଲୁ ଆକ୍ରମଣରେ ସୋମବାର ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ପାଟଣା ବ୍ଲକ ଚିନାବାଲିପଶି ପଞ୍ଚାୟତ କେତାଙ୍ଗ ଗ୍ରାମ ପୋଖରୀ ସାହିର ମାଣିକ ସିଂ। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୋମବାର ସକାଳୁ ମାଣିକନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଗାଁ ପାଖ ଜଙ୍ଗଲରୁ ଏକ ଭାଲୁ ଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା।

## ସଂକ୍ଷେପରେ

### ଜଙ୍ଗଲ ନିଆଁ ଆୟତ୍ତ କଲା ବନ ବିଭାଗ

ଚମ୍ପୁଆ, ୨୨।୩(ଡି.ଏନ.ଏ.): ଚମ୍ପୁଆ ରେଞ୍ଜ୍ ଜଙ୍ଗଲରେ ଲାଗିଥିବା ନିଆଁକୁ ବନ ବିଭାଗ ଓ ଅଗ୍ନିଶମ ବିଭାଗ ସହାୟତାରେ ସୋମବାର ଆୟତ୍ତ କରାଯାଇଛି। ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କୁ ଧରିବା, ଜଙ୍ଗଲରେ ଯେପରି ନିଆଁ ନ ଲାଗେ ସେଥିନେଇ ସ୍ଥାନୀୟ ଗ୍ରାମବାସୀଙ୍କୁ ସଚେତନ କରିବା ଓ ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ଡ୍ୟୁଟି ଲଗାଯାଇଥିବା ବେଳେ ସୋମବାର ଚମ୍ପୁଆ ସେକ୍ସନ ଅନ୍ତର୍ଗତ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁକୁ ବନ ବିଭାଗ ଆୟତ୍ତ କରିବାରେ ସଫଳ ହୋଇଛି। ମଧ୍ୟାହ୍ନରେ ପତଳା ଗାଁକୁ ଲାଗି ରହିଥିବା ଏହି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡିଥିଲା। ବନ ବିଭାଗ ନିଆଁଲିଭା ଯନ୍ତ୍ର ସହିତ ସ୍କ୍ୱାଡମାନେ ପହଞ୍ଚି ନିଆଁ ଲିଭାଇଥିଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: ହତ୍ୟା ଅଭିଯୋଗ

ବୈଶିଙ୍ଗା,୨୨।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତର ବାଲିଚିତରି ଗ୍ରାମର ଜନୈକା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶାଶୁଘର ଲୋକେ ତାଙ୍କୁ ହତ୍ୟାକରି ଥିବା ନେଇ ମୃତ ମହିଳାଙ୍କ ବାପ ଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୮୭/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ମହିଳା ହେଲେ ରଜନୀ ସିଂ। ପୋଲିସ ସୂଚନା ଅନୁଯାୟୀ, ଗଙ୍ଗାଧର ସିଂଙ୍କ ଝିଅ ରଜନୀ ୬ ମାସ ପୂର୍ବେ ମୋହନ ମାଝିଙ୍କୁ ବିବାହ କରିଥିଲେ। ରବିବାର ସନ୍ଧ୍ୟାରେ ରଜନୀଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତ ମହିଳାଙ୍କ ଗୋଡ଼ ଭୂମୀରେ ଲାଗିବା ସହିତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନଥିବା ଦେଖିବାକୁ ପାଇଥିଲା। ସୋମବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି।

### ଯୁବକଙ୍କ ଉନ୍ମତ୍ତକାଣ୍ଡ, ଅଟୋ ପୋଡ଼ିଦେଲେ

ଖଇରା, ୨୨।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଣ୍ଡିବେଡଠାରେ ଚାଲିଥିବା ଏକ ଯାତ୍ରା ପାର୍ଟିରେ ବିନା ଟିକେଟରେ ଯାତ୍ରା ଦେଖିବାକୁ ଚାହୁଁଥିବା ଯୁବକଙ୍କୁ ଅନୁମତି ନ ମିଳିବାରୁ ଉତ୍ତ୍ୟକ୍ତ ହୋଇ ସେ ଯାତ୍ରା କମିଟିର ଜଣେ ସଦସ୍ୟଙ୍କ ଅଟୋକୁ ପୋଡି ଦେଇଛନ୍ତି। ତାଙ୍କ ନାମ ପୁପୁନ ଜେନା। ଘର ଗଣ୍ଡିବେଡ ଗ୍ରାମରେ। କମିଟିର ସଦସ୍ୟମାନେ ଉକ୍ତ ଯୁବକଙ୍କୁ ଧରି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି। ରବିବାର ସନ୍ଧ୍ୟାରେ ଉକ୍ତ ବଜାର ନିକଟରେ ଏକ ଯାତ୍ରା ପାର୍ଟି ଯାତ୍ରା ମଞ୍ଚସ୍ଥ କରିବାକୁ ଥିବା ବେଳେ ପ୍ରବଳ ଲୋକ ଆସିବାରୁ ଟିକେଟ ସରିଯାଇଥିଲା। ପୁପୁନ ବିନା ଟିକେଟରେ ଯାତ୍ରା ଦେଖିବାକୁ ବଳପୂର୍ବକ ଚେଷ୍ଟା କରୁଥିବା ବେଳେ ଗେଟ୍ ଜଗିବା ଦାୟିତ୍ୱରେ ଥିବା ଦୀପକ ରାଉଳ ତାଙ୍କୁ ନ ଛାଡିବାରୁ ଗଣ୍ଡଗୋଳ ହୋଇଥିଲା। ପୁପୁନ ସେଠାରୁ ଫେରିଆସି ଦୀପକଙ୍କ ଘର ସମ୍ମୁଖରେ ଥିବା ତାଙ୍କ ଅଟୋଟିକୁ ପୋଡି ଦେଇଥିଲେ। ପୋଲିସ ପୁପୁନଙ୍କ ନାମରେ ଏକ ମାମଲା (ନଂ.୬୮/୨୧)ରୁଜୁ କରି ତାଙ୍କୁ ଗିରଫ କରିଛି।

### ୧୯୭୫ ବ୍ୟାଚର ବନ୍ଧୁମିଳନ

ଯୋଡ଼ା,୨୨।୩(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡା ସହରର ମଧଇଂରାଜୀ ବିଦ୍ୟାଳୟର ୧୯୭୫ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଲାଓ ପ୍ୟାଲେସ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଯୁବ ସଂଗଠକ ମାନସ ଦାସ ମଞ୍ଚ ପରିଚାଳନା କରିଥିଲେ। ସୁଦୂର ବାଙ୍ଗାଲୋର, ଜବଲପୁର, ଦାମନଯୋଡ଼ିଠାରୁ ଆସି ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପୁରାତନ ଛାତ୍ର ଆଶିଷ ଚୈତନ୍ୟ ଜବଲପୁର ନିକଟସ୍ଥ ଏକ ଗ୍ରାମରେ ଆଶ୍ରମ ସ୍କୁଲ ପ୍ରତିଷ୍ଠା କରି ଗରିବ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଖାଦ୍ୟ ପେୟର ବ୍ୟବସ୍ଥା କରିବା ସହିତ ଶିକ୍ଷାଦାନ ମଧ କରିଛନ୍ତି। ଏକତ୍ରିତ ହୋଇଥିବା ପ୍ରାୟ ୪୦ ଛାତ୍ରୀଛାତ୍ର ଆର୍ଥିକ ରାଶି ଜମା କରି ଉକ୍ତ ଆଶ୍ରମ ସ୍କୁଲର ପରିଚାଳନା ପାଇଁ ସାହାଯ୍ୟ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ପୂର୍ବତନ ତଥା ବରିଷ୍ଠ ପ୍ରଧାନ ଶିକ୍ଷକ ସୋମନାଥ ମହାନ୍ତଙ୍କୁ ତାଙ୍କ ବାସଭବନରେ ଭେଟି ଆଶିର୍ବାଦ ଭିକ୍ଷା କରିଥିଲେ। ଏହି ବନ୍ଧୁମିଳନରେ ପୂରାନତ ଛାତ୍ରୀ ସ୍ୱପ୍ନା ସାମଲ, ସ୍ୱପ୍ନା ଭୌମିକ, ଗୀତା ସାହୁ, ଛାତ୍ର ବିକାଶ ରଞ୍ଜନ ମହାନ୍ତି, ସତ୍ୟରଞ୍ଜନ ମହାନ୍ତି, ସଞ୍ଜୟ ରାଉତ, ମନୋଜ ଦାସ, ଅଶୋକ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ରେଲୱେ ସାଇଡିଂରୁ ଲୁହାପଥର ଚୋରାଚାଲାଣ

■୪ ଟ୍ରେଲର ସହ ଲୋଡର, ବାଇକ୍ ଜବତ: ୬ ଗିରଫ

■ନୀରବଦ୍ରଷ୍ଟା ଖଣି ବିଭାଗ

ଯୋଡ଼ା/ବଡ଼ବିଲ,୨୨।୩ (ଡି.ଏନ୍.ଏ./ସ୍ୱ.ପ୍ର.)

ଓଡ଼ିଶାରେ ଚୋରା ଖଣିଜ କାରବାର ଏବଂ ଖଣି ଖନନ ରୋକିବା ଉପରେ ରାଜ୍ୟ ତଥା କେନ୍ଦ୍ର ସରକାର ଯେତିକି ନିୟମ ପ୍ରଣୟନ କରୁଛନ୍ତି ଏହି ନିୟମକୁ ଫୁ କରି ଚୋରା କାରବାର ସେତେ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦୁଝର ଜିଲା ବଡ଼ବିଲ ରେଳ ସାଇଡିଂରୁ ରବିବାର ଲୁହାପଥର ଚୋରାଚାଲାଣ ବେଳେ ପୋଲିସ ଚଢ଼ାଉକରି ୬ ଅଭିଯୁକ୍ତଙ୍କୁ ଗିରଫ କରିବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଅଭିଯୁକ୍ତମାନେ ହେଲେ ବଡ଼ବିଲ ଥାନା ଷ୍ଟେଶନ ରୋଡ ଅଞ୍ଚଳର ଜିତେନ୍ଦ୍ର ଝା, ପିଏଚଡି ରୋଡ ବରକତ ନଗର ଅଞ୍ଚଳର ଏମଡି ଇକବାଲ, ଗମ୍ଭାରିଆ ଅଞ୍ଚଳର ଗଙ୍ଗାଧର ମହାନ୍ତ, ହଜାରିବାଗ ଜିଲା ଚଉପରନ ଅଞ୍ଚଳର ଏତୱା ନାଗ, ରାମପରେଶ ଯାଦବ, ଝାଡ଼ଖଣ୍ଡ ରାଜ୍ୟ ଇତଖୋରି ଅଞ୍ଚଳର ବିକ୍ରମ ଯାଦବ।

ସୂଚନା ଅନୁଯାୟୀ, ଗତ ରବିବାର ଭୋର ସମୟରେ ବଡ଼ବିଲ ରେଳ ସାଇଡିଂରୁ ଲୁହାପଥର ଚୋରାଚାଲାଣ ହେଉଥିବା ଖବର ପାଇ ପୋଲିସ ପାଟ୍ରୋଲିଂ ଟିମ ପହଞ୍ଚିଥିଲା। ଘଟଣାସ୍ଥଳରୁ ପୋଲିସ ୪ଟି ଲୁହାପଥର ବୋଝେଇ ଟ୍ରେଲର, ୧ଟି ଲୋଡର ଓ ୧ଟି ବାଇକ ଜବତ କରିଥିଲା। ପୋଲିସ ଏନେଇ ଏକ ମାମଲା (ନଂ.୪୯/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଏହି ଚୋରା ଚାଲାଣରେ ମୁଖ୍ୟ ଅଭିଯୁକ୍ତ ଫେରାର୍ ଥିବା ପୋଲିସ କହିଛି। ବଡ଼ବିଲ ରେଳ ସାଇଡିଂରେ ବଡ଼ବଡ଼ ରାଜନେତାମାନଙ୍କର ଲୋଡିଂ ବ୍ୟବସାୟ ଚାଲିଛି। ପୋଲିସ ଏହାର ତଦନ୍ତକୁ ବ୍ୟାପକ କଲେ ଅନେକ ତଥ୍ୟ ତଥା ଚୋରା ବେପାର ସମ୍ପର୍କିତ ତଥ୍ୟ ସମ୍ନାକୁ ଆସି ପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେଣେ ଏହି କାରବାରରେ ଅଭିଯୁକ୍ତମାନେ ଖଣି ବିଭାଗ ଦ୍ୱାରା ପ୍ରଦତ୍ତ ଅନୁମୋଦନ କାଗଜ ପୋଲିସକୁ ଦେଖାଇଥିଲେ। ପୋଲିସ ଏହାକୁ ଯାଞ୍ଚ କରିବା ବେଳେ ତାହା ନକଲି ବୋଲି ଜଣାପଡିଥିବା ବଡବିଲ ଥାନା ସବ୍‌ଇନ୍ସପେକ୍ଟର ମହେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏ ନେଇ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶକ ସଲିଲ କୁମାର ବେହେରାଙ୍କୁ ପଚାରିବାରୁ ଏ ସଂକ୍ରାନ୍ତରେ ସେ ପୋଲିସଠୁ ଖବର ପାଇଛନ୍ତି। ଖଣି ବିଭାଗ ଅଧିକାରୀଙ୍କୁ ଏହାର ସବିଶେଷ ଯାଞ୍ଚ କରିବା ପାଇଁ ପଠାଇଛନ୍ତି ବୋଲି କହିଥିଲେ।

ଯୋଡ଼ା ଖଣି ମଣ୍ଡଳରେ ଲକ୍ଷାଧିକ ମେଟ୍ରିକ ଟନ୍ ଲୁହା ପଥର ଜବତ ହୋଇ ବିଭିନ୍ନ ରେଳ ସାଇଡିଂ ଓ ଅନ୍ୟାନ୍ୟ ସ୍ଥାନ ଗୁଡିକରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ବେଳେ ଏହାର ସଠିକ ତଥ୍ୟ ଖଣି ବିଭାଗ ନିକଟରେ ନାହିଁ। ଖଣି ବିଭାଗ ଦ୍ୱାରା ଜବତ ହୋଇଥିବା ଖଣିଜକୁ ରାଜ୍ୟ ସରକାରଙ୍କର ବ୍ୟବସାୟିକ ସଂସ୍ଥା ଓଡ଼ିଶା ଖଣି ନିଗମକୁ ହସ୍ତାନ୍ତର କରାଯାଇ ଏହି ଜବତ ଖଣିଜକୁ ନିଲାମ କରାଯିବାର ନିୟମ ରହିଥିବା ବେଳେ ଏହା କାହିଁକି ହେଉନାହିଁ ସେଥିନେଇ ଖଣି ବିଭାଗର ବିଶ୍ୱାସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବିଧାୟକଙ୍କ ଗାଡ଼ି ଧକ୍କାରେ ଶିକ୍ଷକ ଗୁରୁତର

ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୨୨।୩(ଡି.ଏନ.ଏ.)



୧୬ ନଂ. ଜାତୀୟ ରାଜପଥର ଭଣ୍ଡାରିପୋଖରୀ ନିକଟରେ ସୋମବାର ବାଲେଶ୍ୱର ଜିଲା ରେମୁଣା ବିଧାୟକଙ୍କ ଗାଡ଼ି ଧକ୍କାରେ ଜଣେ ଶିକ୍ଷକ ଗୁରୁତର ହୋଇଛନ୍ତି। ତାଙ୍କୁ ଆମ୍ବୁଲାନ୍ସରେ ନେଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଭୁବନେଶ୍ୱରରୁ କାର୍‌ରେ ବାଲେଶ୍ୱର ଅଭିମୁଖେ ଆସୁଥିଲେ। ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରହଣିଆ ଗ୍ରାମର ଶିକ୍ଷକ ସ୍ମୃତିରଞ୍ଜନ ଦାସଙ୍କ ବାଇକ୍‌କୁ ଧକ୍କା ଦେଇ କାର୍‌ଟି ଡିଭାଇଡର ଉପରେ ଚଢ଼ିଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତର ଶିକ୍ଷକ ଦାସଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ତେବେ ଦୁର୍ଘଟଣାରେ ବିଧାୟକ ସୁସ୍ଥ ଥିବା ଜଣାପଡ଼ିଛି।

# ରାସ୍ତାକଡ଼ରେ ପ୍ରସବ କଲେ ମହିଳା

ସମୟ ହୋଇନି କହି ଫେରାଇ ଦେଲେ ଡାକ୍ତର

ଖଇରା, ୨୨।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ଜଣେ ଗର୍ଭବତୀ ରାସ୍ତା କଡରେ ପ୍ରସବ କରିବା ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜଗବନ୍ଧୁ ଦତ୍ତଙ୍କ ସ୍ତ୍ରୀ ରଜନୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ସୋମବାର ପୂର୍ବାହ୍ନରେ ଖଇରା ମେଡିକାଲକୁ ନିଆଯାଇଥିଲା। ସନ୍ତାନ ଜନ୍ମ ହେବାର ସମୟ ହୋଇନାହିଁ କହି ଡାକ୍ତର ତାଙ୍କୁ ଏକ ଇଞ୍ଜେକ୍ସନ ଦେଇ ଫେରାଇ ଦେଇଥିଲେ। ଏଥିରେ ମଧ ତାଙ୍କର ଯନ୍ତ୍ରଣା କମି ନ ଥିଲା। ପରିବାର ଲୋକେ ବାଧ ହୋଇ ତାଙ୍କୁ ବସ୍ ଯୋଗେ ବାଲେଶ୍ୱର ନେଉଥିଲେ। ହେଲେ ଗଣ୍ଡିବେଡ ନିକଟରେ ଅତ୍ୟଧିକ ଯନ୍ତ୍ରଣା ହେବାରୁ ସେ ସେଠାରେ ବସ୍‌ରୁ ଓହ୍ଲାଇପଡିଥିଲେ। ସେହି ସମୟରେ ରାସ୍ତାକଡରେ ରଜନୀ ଏକ ମୃତ ଶିଶୁକନ୍ୟା ଜନ୍ମ ଦେଇଥିଲେ। ସରକାର ଉଭୟ ମା' ଓ ଶିଶୁର ସୁରକ୍ଷା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଭଳି ଘଟଣା ଯୋଜନାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଶ୍ରମିକମାରଣ ନୀତି ବିରୋଧରେ ବିକ୍ଷୋଭ



ଏଆଇଟିୟୁସି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ବାଲେଶ୍ୱର ଅଫିସ୍, ୨୨।୩

ବାଲେଶ୍ୱର ଜିଲା ଏଆଇଟିୟୁସି ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ରେଳଷ୍ଟେଶନରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଅଫିସ ନିକଟରେ ପହଞ୍ଚିବା ପରେ ଘେରାଉ କରାଯାଇଥିଲା। ଶ୍ରମିକ ବିରୋଧୀ ନୀତି ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲା। ଜିଲା ସଂପାଦକ ଶ୍ୟାମସୁନ୍ଦର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଡେପୁଟି କଲେକ୍ଟର ଅରୁଣା ତ୍ରିପାଠୀଙ୍କୁ ପ୍ରଦାନ କରିଥିଲେ। ଏଆଇଟିୟୁସିର ଜିଲା ସଭାପତି ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଓ ସମ୍ପାଦକ ମାୟାଧର ନାୟକ, ଅଙ୍ଗନୱାଡ଼ି ସଂଘର ଜିଲା ସଂପାଦିକା ଗୌରୀ ଦାସ, ରିକ୍ସା ଚାଳକ ସଂଘର ସମ୍ପାଦକ ସେକ୍ ସଲ୍ଲାଉଦ୍ଦିନ୍, ବିଦ୍ୟୁତ୍ ଶ୍ରମିକ ନେତା ଜଗଦୀଶ ବେହେରା, ନିର୍ମାଣ ଶ୍ରମିକ ସଂଘର ଜିଲା ସମ୍ପାଦକ ଅନାମ ପ୍ରସାଦ ବାରିକ, ପାଚିକା ସଂଘର ସମ୍ପାଦିକା ଲକ୍ଷ୍ମୀ ପାଣିଗ୍ରାହୀ, ଉଠାଜଳସେଚନ କର୍ମଚାରୀ ସଂଘର ସହସମ୍ପାଦକ ଶରତ ଚନ୍ଦ୍ର ଦଳାଇ, ମଧୁସୂଦନ ଜେନାଙ୍କ ସମେତ ସିପିଆଇ ଜିଲା ସମ୍ପାଦକ ନିରଞ୍ଜନ ବାରିକ ପ୍ରମୁଖ କେନ୍ଦ୍ର ସରକାରଙ୍କ ବିରୋଧରେ ଅଭିଯୋଗ କରିଥିଲେ। କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକଙ୍କ ଧାରଣା ଶହେଦିନ ଟପିଲାଣି। ଜିଲାସ୍ତରୀୟ ଆନ୍ଦୋଳନ ପରେ ଆସନ୍ତା ୩୧ରେ ରାଜ୍ୟସ୍ତରୀୟ ଆନ୍ଦୋଳନରେ ଶ୍ରମିକମାନେ ଯୋଗଦେବାକୁ ଆହ୍ୱାନ ଦିଆଯାଇଥିଲା। ଭରତଚନ୍ଦ୍ର ସେଠୀ, ଆରତି ଦାସ ମହାପାତ୍ର, ଶଶିକାନ୍ତ ବେହେରା, ଉମାକାନ୍ତ ଜେନା, ଅନୁସୂୟା ଦଳାଇ, ହରେକୃଷ୍ଣ ବେହେରା, ସୁଦର୍ଶନ ଦାସ, ସନାତନ ଜଳଦାସ, ସାଗରିକା କର, ସବିତା ତ୍ରିପାଠୀ, ବବିତା ପାଲ୍ ଓ ମନ୍ମଥ ପରିଡ଼ା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଲୁଟେରାଙ୍କୁ କାବୁ କଲେ ଲୋକେ

ବାସୁଦେବପୁର,୨୨।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହରରେ ତେନ୍ତୁଳିଆ ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ଅଭିରାମ ମଲ୍ଲିକଙ୍କଠାରୁ ସୋମବାର ମଧ୍ୟାହ୍ନରେ ୨ ଲକ୍ଷ ଟଙ୍କା ଲୁଟ୍ କରି ପଳାଇ ଯାଉଥିଲେ ଜଣେ ଲୁଟେରା। ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କଠାରୁ ଟଙ୍କା ଜବତ କରି ଅଭିରାମଙ୍କୁ ହସ୍ତାନ୍ତର କରିଛି। ବାସୁଦେବପୁର ଥାନାରେ ମାମଲା(ନଂ.୯୩/୨୧) ରୁଜୁ କରି ଲୁଟେରାଙ୍କୁ ଗିରଫ କରାଯାଇଛି। ତାଙ୍କ ନାମ ପି. ମହେଶ ଓ ଘର ଆସିକା ଠେଙ୍ଗାପଲେଇ ଗ୍ରାମରେ ବୋଲି ପୋଲିସ ଜାଣିବାକୁ ପାଇଛି। ଅଭିରାମ ଏସ୍‌ବିଆଇ ବ୍ୟାଙ୍କରୁ ଟଙ୍କା ଉଠାଇ ବ୍ୟାଗ୍‌ରେ ଭର୍ତ୍ତି କରି ସାଇକେଲରେ ଘରକୁ ଫେରୁଥିଲେ। ସହରରେ କୌଣସି ଜିନିଷ କ୍ରୟ କରୁଥିବା ବେଳେ ତାଙ୍କ ହାତରୁ ଟଙ୍କା ବ୍ୟାଗ୍‌କୁ ଝାମ୍ପି ନେଇ ପି. ମହେଶ ଦୌଡ଼ି ପଳାଉଥିବା ସମୟରେ ସ୍ଥାନୀୟ ଲୋକେ ଧରିଥିଲେ।

# ଦୁଇ ଜିଲା ଟ୍ରକ ସଂଘ କୋର କମିଟିର ଦାବିପତ୍ର

କେନ୍ଦୁଝର, ୨୨।୩(ସ୍ୱ.ପ୍ର.)

କେନ୍ଦୁଝର, ଯୋଡ଼ା, ବଡ଼ବିଲ, ଗୁଆଲି, କାଳିମାଟି, ଓ ସୁନ୍ଦରଗଡ଼ ଜିଲାର କୋଇଡ଼ା ଟ୍ରକ ମାଲିକ ସଂଘକୁ ନେଇ ଗଠିତ କୋର କମିଟି ସୋମବାର ପାରାଦୀପ ବନ୍ଦରରେ ଅନଲୋଡିଂ ସମସ୍ୟା ଏବଂ ଚଣ୍ଡିଖୋଲ ପାରାଦୀପ ରାସ୍ତାରେ ଦେଖାଦେଉଥିବା ସମସ୍ୟା ତଥା ଅନ୍ୟାନ୍ୟ ଅନିୟମିତତାକୁ ନେଇ କେନ୍ଦୁଝର ଜିଲାପାଳଙ୍କୁ ଭେଟି ସମାଧାନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସୁନ୍ଦରଗଡ଼ ଜିଲା କୋଇଡ଼ା ଓ କେନ୍ଦୁଝର ଜିଲା ଯୋଡ଼ା ଖଣି ସର୍କଲ ଅଞ୍ଚଳର ବିଭିନ୍ନ ଖଣିରୁ ପାରାଦୀପ ବନ୍ଦରକୁ ଲୁହାପଥର ପରିବହନ କରି ଟ୍ରକ ମାଲିକମାନେ ଜୀବିକା ନିର୍ବାହ କରୁଛନ୍ତି। ତେବେ ପାରାଦୀପ ବନ୍ଦର ଅନଲୋଡ କରିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନଲୋଡ ପାଇଁ ପାରାଦ୍ୱୀପ ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ପ୍ରାୟ ୧୦୦କିମି ଦୀର୍ଘ ଲମ୍ବା ଧାଡ଼ିରେ ଅପେକ୍ଷା କରିବାକୁ ପଡୁଥିବା କହିଛନ୍ତି। ଟ୍ରକ ଡ୍ରାଇଭର ଏବଂ ଅନ୍ୟ କର୍ମଚାରୀମାନେ ମାନସିକ ସ୍ତରରେ ହଇରାଣ ହେଉଛନ୍ତି। ଏଣୁ ଏ ନେଇ ଉପଯୁକ୍ତ ଆଇନଗତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

# ନୀଳମଣି କଲେଜକୁ ଶ୍ରେଷ୍ଠ ପରିବେଶ ସୁରକ୍ଷା ପୁରସ୍କାର

ରୂପସା, ୨୨।୩(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ନୀଳମଣି କଲେଜର ଜାତୀୟ ସେବା ଯୋଜନା ୟୁନିଟକୁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ୨୦୨୦-୨୧ ବର୍ଷ ପାଇଁ ଶ୍ରେଷ୍ଠ ପରିବେଶ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱ ବନ ଦିବସ ପାଳନ ଅବସରରେ କୁଲଡିହା ଅଭୟାରଣ୍ୟ ନିକଟ ରିଷିଆ ଗ୍ରାମରେ ଆୟୋଜିତ ବିଶ୍ୱ ବନଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ଶରତ ଚନ୍ଦ୍ର ବେହେରା, ଚାନ୍ଦିପୁର ଆଇଟିଆରର ପୂର୍ବତନ ସହକାରୀ ନିର୍ଦ୍ଦେଶକ ଡ଼ଃ ତପନ କୁମାର ବିଶ୍ୱାଳ, ନିର୍ଦ୍ଦେଶକ ସୁଶୀଲ ସିଂ, ବନ୍ୟପ୍ରାଣୀ ୱାର୍ଡେନ ପ୍ରକାଶ କୁମାର ମର୍ଦ୍ଦରାଜ ପ୍ରମୁଖ ଯୋଗଦେଇ କଲେଜର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡାଙ୍କୁ ପରିବେଶ ସୁରକ୍ଷା ଓ ସଂରକ୍ଷଣ, ସଚେତନତା ଓ ବୃକ୍ଷରୋପଣ ଆଦି କାର୍ଯ୍ୟ ପାଇଁ ପୁରସ୍କାର ସହ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ପଣ୍ଡାଙ୍କ ସମେତ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ, ପୁରାତନ ଛାତ୍ର ସଂସଦର କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଅଧ୍ୟାପକ ଗୌରାଙ୍ଗ ପଣ୍ଡାଙ୍କୁ ପରିବେଶ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଉଛି।

## ମେଧାବୀଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୨୨।୩(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଶାରଦା ବିଦ୍ୟାମନ୍ଦିରରେ ୫ମ ଓ ୩ୟ ଶ୍ରେଣୀ ବୃତ୍ତି ପାଇଥିବା ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ବିଶ୍ୱମ୍ଭର ନାଥ, ସୁଶାନ୍ତ ସେନାପତି, ନିତ୍ୟାନନ୍ଦ ସେନାପତି, ଚିତ୍ତରଞ୍ଜନ ନାୟକ, ସୁସ୍ମିତା ସ୍ୱାଇଁ, କୁଞ୍ଜଲତା ସେନାପତି, ସୁଜାତା ପାଢ଼ୀ, କେଶବ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ମେଧାବୀ ବିଦ୍ୟାର୍ଥୀ ଆଦ୍ୟାଶା ବେହେରା, ଓଁକାର ବେହେରା, ଗୌତମ ସାହୁ, ଆଶୁତୋଷ ଦୀକ୍ଷିତ, ପାୟଲ ଦାସ ଓ ଜନ୍ମଜେୟ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ୧୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ଭଦ୍ରକ ଅଫିସ, ୨୨।୩

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ରବିବାର ରାତିରେ ଭଦ୍ରକ ଚରମ୍ପା ଅଞ୍ଚଳରୁ ୧୫୨ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରାଯାଇଥିବା ବେଳେ ଏକ ବାଇକ୍ ଜବତ ହୋଇଛି। ସେମାନେ ହେଲେ ତିହିଡ଼ି ଅଞ୍ଚଳ ନୟାନନ୍ଦର ହରମନ ଦାସ ଓ ଚରମ୍ପା ବରାଳପୋଖରୀର ରାଜେନ୍ଦ୍ର ଷଡ଼ଙ୍ଗୀ। ସେମାନଙ୍କ ନିକଟରୁ ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଗୋଇନ୍ଦା ବିଭାଗ ପକ୍ଷରୁ ଜଗଦୀଶ ସାମଲ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଚରମ୍ପା ଅଞ୍ଚଳରେ ବ୍ୟାପକ ଭାବେ ଚୋରାରେ ବ୍ରାଉନସୁଗାର ବେପାର ଚାଲିଥିବା ନେଇ ଗୋଇନ୍ଦା ବିଭାଗର ଏହି ଟିମ୍ ସୂଚନା ପାଇଥିଲା। ଏଣୁ ବିଭାଗ ପକ୍ଷରୁ ଏହି ଅଞ୍ଚଳରେ ପାଟ୍ରୋଲିଂ ଜୋର୍‌ଦାର କରାଯାଇଥିଲା। ରବିବାର ରାତିରେ ପାଟ୍ରୋଲିଂ ସମୟରେ ଗୋଟିଏ ବାଇକ୍‌ରେ ହରମନ ଓ ରାଜେନ୍ଦ୍ର ଯାଉଥିବା ସମୟରେ ଏହି ଟିମ୍ ସନ୍ଦେହ କରି ସେମାନଙ୍କୁ ଅଟକାଇଥିଲା। ସେମାନେ ଖସିଯିବା ପାଇଁ ଚେଷ୍ଟା କରୁଥିବା ସମୟରେ ଟିମ୍ କାବୁ କରିନେଇଥିଲା।

# ଗାନ୍ଧୀଙ୍କ ଆଗମନର ଶତବାର୍ଷିକୀ ପ୍ରସ୍ତୁତି

ଭଦ୍ରକ ଅଫିସ,୨୨।୩

ଭଦ୍ରକକୁ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଆଗମନର ଶତବାର୍ଷିକୀ ପାଳନ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଆୟୋଜିତ ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁ ସେଠୀ, ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ପିତାମ୍ବର ସାମଲ, ପୌରନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲେଖ ଚନ୍ଦ୍ର ବେହେରା, ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ମାର୍ଚ୍ଚ ୨୫ରୁ ୨୦୨୨ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୨୫ ତାରିଖ ଭୋର ୪ଟା ୩୦ରେ ସମଗ୍ର ସହରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପ୍ରଚାର କରାଯିବ। ବିଭିନ୍ନ ସ୍ଥାନରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ ସହ ରେଳ ଷ୍ଟେଶନଠାରୁ ଗାନ୍ଧୀପ୍ରେମୀଙ୍କୁ ନେଇ ଏକ ଶୋଭାଯାତ୍ରା ଗାନ୍ଧୀପଡ଼ିଆରେ ପହଞ୍ଚିବ। ଜିଲା ସଂସ୍କୃତି ଭବନରେ ଗାନ୍ଧୀଙ୍କ ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ, ଟାଉନ ହଲ୍‌ରେ ଗାନ୍ଧୀ ଚର୍ଚ୍ଚା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି।




ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ଜ୍ଞାନ ରଞ୍ଜନ ଦାସ, ବିଧାୟକ ଓ ଅନ୍ୟମାନେ।

# ଧାରଣାରେ ବସିଲେ ଅଞ୍ଚଳବାସୀ

ବାରିପଦା ଅଫିସ,୨୨।୩




ଧାରଣାରତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

■ପୋଖରୀ ପୁନରୁଦ୍ଧାର ନାଁରେ ମୋରମ ବ୍ୟବସାୟ

■ଲୁଟ ରାଜସ୍ୱର ତଦନ୍ତ କରୁନି ପ୍ରଶାସନ

ମୟୂରଭଞ୍ଜ ଜିଲା ବେତନଟୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉନ୍ନୟନ କମିଟିର ସଦସ୍ୟମାନେ ସୋମବାର ପୂର୍ବାହ୍ନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ମହାରାଜା ପ୍ରତାପଚନ୍ଦ୍ର ହାଇସ୍କୁଲ(ଏମ୍‌ପିସି) ପରିସରରେ ଥିବା ପୋଖରୀ ପୁନରୁଦ୍ଧାର ନାମରେ ବେଆଇନ ମାଟି ଓ ମୋରମ ଉତ୍ତୋଳନ ପ୍ରତିବାଦରେ ସେମାନେ ଏହି ଧାରଣା ଦେଇଥିଲେ। ଉତ୍ତୋଳନ ପରେ ମରଣଯନ୍ତା ସାଜିଥିବା ପୋଖରୀକୁ ପୁନଃ ପୋତିବା ଓ ରାଜସ୍ୱ ଲୁଟ୍ କରିଥିବା ବ୍ୟକ୍ତିଙ୍କ ବିରୋଧର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କମିଟିର ସଦସ୍ୟମାନେ ଚେତାବନୀ ଦେଇଥିଲେ। ଅପରାହ୍ନରେ ତହସିଲଦାର ସଂଗ୍ରାମ କେଶରୀ ପରିଡ଼ା ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି, ଜିଲାର ବହୁ ପୁରାତନ ଏମ୍‌ପିସି ହାଇସ୍କୁଲ ପରିସରରେ ଥିବା ଏକ ପୋଖରୀର ପୁନରୁଦ୍ଧାର ଲାଗି ପରିଚାଳନା ସମିତି ପକ୍ଷରୁ ସିଦ୍ଧାନ୍ତ ନିଆଯାଇଥିଲା। ଜେସିବି ସାହାଯ୍ୟରେ ପୋଖରୀରୁ ପର୍ଯ୍ୟାପ୍ତ ପରିମାଣରେ ଖୋଳାଯାଇଥିବା ମୋରମ ଓ ମାଟିକୁ ସ୍କୁଲ ପରିସରରେ ରଖା ନ ଯାଇ ୧୮ନଂ. ଜାତୀୟ ରାଜପଥ ପ୍ରଶସ୍ତିକରଣରେ କାର୍ଯ୍ୟକରୁଥିବା ଏକ କମ୍ପାନୀକୁ ବିକ୍ରି କରି ଦିଆଯାଇଥିବା ଉନ୍ନୟନ କମିଟି ଅଭିଯୋଗ କରିଥିଲା। ଏନେଇ କମିଟି ପକ୍ଷରୁ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଜିଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏକ ମାସ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ କମିଟିର ସଦସ୍ୟମାନେ ଧାରଣାରେ ବସିଥିବା କହିଛନ୍ତି। କମିଟିର ସଦସ୍ୟ ଜୟନ୍ତ ପଟ୍ଟନାୟକ କୁହନ୍ତି, ଜିଲା ପ୍ରଶାସନ ଓ ରାଜନେତାଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇବା ପରେ ମଧ କୌଣସି ସୁଫଳ ମିଳିନାହିଁ। ସେହିପରି କୈଳାସ ଚନ୍ଦ୍ର ଅଗ୍ରୱାଲ କୁହନ୍ତି,ମୋ ସ୍କୁଲ ଯୋଜନାରେ ପୁରାତନ ଛାତ୍ର ଓ ସରକାରଙ୍କ ପକ୍ଷରୁ ମିଳିତ ଭାବେ ଶିକ୍ଷା ଦିଗରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କିଛି ନ୍ୟସ୍ତସ୍ୱାର୍ଥ୍ୟ ବ୍ୟକ୍ତିଙ୍କ ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତାରେ ପ୍ରମାଦ ଗଣୁଛନ୍ତି। ତେବେ ଦୁଇ ଦିନ ମଧ୍ୟରେ ପ୍ରଶାସନ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କମିଟି କଡ଼ା ଚେତାବନୀ ଦେଇଛି।

**ବଳଦିଆ ଜଙ୍ଗଲରେ ଲାଗିଛି ନିଆଁ**

ଚିତ୍ରଡ଼ା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ବଳଦିଆ ଜଙ୍ଗଲରେ ନିଆଁ ଲାଗିଛି। ସୋମବାର ସନ୍ଧ୍ୟାରେ ଏହି ଜଙ୍ଗଲରେ କେହି ନିଆଁ ଲଗାଇ ଦେଇଥିଲା। ନିଆଁ ଧୀରେ ଧୀରେ ବ୍ୟାପିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାରେ ଲାଗିଛନ୍ତି। ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ରେଞ୍ଜର ପ୍ରଶାନ୍ତ କୁମାର ବେହେରା ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ମହିଳା ସ୍ୱାସ୍ଥ୍ୟ ଶିବିର। ସ୍ଥାନ: ଗୋଧିବସା ଅଙ୍ଗନୱାଡି କେନ୍ଦ୍ର। ସମୟ: ଅପରାହ୍ନ ୫ଟା।
- ମୁଖ୍ୟମନ୍ତ୍ରୀଙ୍କ ପ୍ରିନ୍ସପାଲ୍ ଆଡ୍‌ଭାଇଜରଙ୍କ ଖବରଦାତା ସମ୍ମିଳନୀ। ସ୍ଥାନ: ନୋସି ପାର୍କ, ବାମପଦା। ସମୟ: ପୂର୍ବାହ୍ନ ୧୧ଟା।
- ନାଟକ 'ଗାନ୍ଧୀ ଓଡିଶା' ପରିବେଷଣ। ସ୍ଥାନ: ଗାନ୍ଧୀସ୍ମୃତି ଭବନ, ସମୟ: ସନ୍ଧ୍ୟା ସାଢେ ୬ଟା।

**ଭଦ୍ରକ**
- ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ନାଟକ 'ଗାନ୍ଧୀଙ୍କ ଓଡ଼ିଶା' କାର୍ଯ୍ୟକ୍ରମ। ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ। ସମୟ: ସନ୍ଧ୍ୟା ୬ଟା ୩୦।
- ବଳିଦାନ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଓ ରକ୍ତଦାନ ଶିବିର। ସ୍ଥାନ: ଅଗ୍ରସେନ ଭବନ, ଚରମ୍ପା। ସମୟ: ପୂର୍ବାହ୍ନ ୯ଟା।

**ମୟୂରଭଞ୍ଜ**
- ଓସିଏ ପକ୍ଷରୁ ଆୟୋଜିତ ଭିଜନ-୨୦୨୪ ଟୁର୍ଣ୍ଣାମେଣ୍ଟର ୭ମ ଦିବସ ଖେଳ। ସ୍ଥାନ-ବାରିପଦା ଷ୍ଟାଡିୟମ ଓ କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା।
- 'ଗାନ୍ଧୀଙ୍କ ଓଡ଼ିଶା' ନାଟକ ପରିବେଷଣ। ସ୍ଥାନ: ଶହୀଦ ସ୍ମୃତି ଭବନ। ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**
- ନାଟକ-'ଗାନ୍ଧୀଙ୍କ ଓଡ଼ିଶା' କାର୍ଯ୍ୟକ୍ରମ। ସ୍ଥାନ: ନଗର ଭବନ। ସମୟ: ୬ଟା।

# ବିଶ୍ୱ ଜଳ ଦିବସରେ ଜଳକଷ୍ଟ

## କେଉଁଠି ମିଳୁନି, କେଉଁଠି ନଷ୍ଟ

**ବସ୍ତା, ୨୨।୩(ଡି.ଏନ.ଏ.)**

ମାର୍ଚ୍ଚ ୨୨ତାରିଖକୁ ବିଶ୍ୱ ଜଳ ଦିବସ ରୂପେ ପାଳନ କରାଯାଉଛି। ହେଲେ ଖରାଦିନ ଆରମ୍ଭ ହେଉଣୁ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଜଳସଙ୍କଟ ଦେଖାଦେଇଛି। ଗତ ୮ତାରିଖରେ ବସ୍ତା ବ୍ଲକର ଗୋଡିଖାଳ ନିକଟରେ ମହିଳାମାନେ ଗରା, କଳସ ଧରି ୬୦ନଂ ଜାତୀୟ ରାଜପଥ ଦୀର୍ଘ ୩ ଘଣ୍ଟା ଧରି ଅବରୋଧ କରିଥିଲେ। ଉକ୍ତ ଗାଁରେ ପରିସ୍ଥିତି କିଛି ମାତ୍ରାରେ ସ୍ୱାଭାବିକ ହୋଇଥିବା ବେଳେ ଅନ୍ୟ ଗାଁଗୁଡିକରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏପରିକି ନଈ, ନାଳରେ ପାଣି ଅଭାବ ଯୋଗୁ ପଶୁପକ୍ଷୀ ଜଳକଷ୍ଟ ଭୋଗୁଛନ୍ତି। ବସ୍ତା ମଧ ଦେଇ ଯାଇଥିବା ଜଳକା ନଦୀର ଉପର ପାର୍ଶ୍ୱରେ ଅସ୍ଥାୟୀ ବନ୍ଧ ଯୋଗୁ ନଦୀ ପୂରା ଶୁଖିଲା ପଡିଛି। ଦୀର୍ଘଦିନ ଧରି ବର୍ଷା ନ ହେବା ଯୋଗୁ ଭୂତଳ ଜଳସ୍ତର କ୍ରମାଗତ ହ୍ରାସ ପାଇବାରେ ଲାଗିଛି । ବସ୍ତା ବ୍ଲକର ମଥାନୀ, ବାହାର୍ଦ୍ଦା, ବଡା, ଗମ୍ଭାରିଆ, ବରୁଣଗଡିଆ, ବ୍ରାହ୍ମଣଦା ଆଦି ଅନେକ ପଞ୍ଚାୟତରେ ମଧ ଅନୁରୂପ ଅବସ୍ଥା । ସଦାନନ୍ଦପୁର ପଞ୍ଚାୟତ ବାଉଁଶମୁଖା ଅଞ୍ଚଳରେ ପାନୀୟ ଜଳଯୋଗାଣ ପାଇପ ଫାଟି ପାଣି ଅଯଥାରେ ନଷ୍ଟ ହେଉଥିବା ବେଳେ ଅନ୍ୟ କେଉଁଠି ଟ୍ୟାପ ନ ଥିବା ଯୋଗୁ ପାଣି ନଷ୍ଟ ହେଉଛି । ଏ ଦିଗରେ ନା ସାଧାରଣ ଜନତା , ନା ପ୍ରଶାସନ କାହାରି ଭ୍ରୁକ୍ଷେପ ନାହିଁ । ସୋମବାର ମଡାଗଡିଆ ଅଞ୍ଚଳର ବହୁ ଜନସାଧାରଣ ପାଣି ସମସ୍ୟା ନେଇ ବସ୍ତା ବିଡିଓଙ୍କୁ ଦାବି ପତ୍ର ଦେଇଥିଲେ। ଉକ୍ତ ଗାଁରେ ୩ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ଏତେସଂଖ୍ୟକ ଲୋକଙ୍କ ପାଇଁ ଏକମାତ୍ର ନଳକୂପ ରହିଛି। ଯଥା ଶୀଘ୍ର ଯୋଗାଣ ପାଇପ ଦ୍ୱାରା ଜଳ ଯୋଗାଣ କରିବାକୁ ସେହି ଗାଁର ଜନ ସାଧାରଣ ବିଡିଓଙ୍କ ପାଖରେ ଦାବି କରିଥିବା ଜଣାଯାଇଛି ।



ବସ୍ତା ବିଡିଓଙ୍କ ଦାବିପତ୍ର ଦେବାକୁ ଆସିଥିବା ମଡାଗଡିଆବାସୀ।


ବାଉଁଶମୁଖା ଅଞ୍ଚଳରେ ଜଳଯୋଗାଣ ପାଇପରେ ଟ୍ୟାପ ନ ଥିବାରୁ ପାଣି ନଷ୍ଟ ହେଉଛି।

## ଗରା, ବାଲ୍‌ଟି ଧରି ଧାରଣା

**ସଜନାଗଡ଼, ୨୨।୩(ଡି.ଏନ.ଏ.):** ଆଜି ହେଉଛି ବିଶ୍ୱ ଜଳ ଦିବସ। ଏବେ ବି ଅନେକ ଗାଁ ଅଛି, ଯେଉଁଠି ପାଣି ଟୋପାଏ ପାଇଁ ଲୋକେ ନାନା ହଇରାଣ ହେଉଛନ୍ତି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ପାଟଣା ଗ୍ରାମ ଏହାର ଉଦାହରଣ। ଗ୍ରୀଷ୍ମଦିନ ଆରମ୍ଭରୁ ଏହି ଗାଁରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ଏହାର ପ୍ରତିବାଦ କରି ଗ୍ରାମବାସୀ ସୋମବାର ପୂର୍ବାହ୍ନ ୧୦ଟା ବେଳେ ଗରା, ବାଲ୍‌ଟି ଧରି ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଥିଲେ। ବିଭାଗୀୟ ଜେଇ ଏବଂ ବିଡ଼ିଓ ଅନୀତା ନାୟକ ଧାରଣାସ୍ଥଳକୁ ଆସି ୭ ଦିନ ମଧ୍ୟରେ ସମାଧାନ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ 'ବସୁଧା' ଯୋଜନାରେ ଓଭରହେଡ୍ ଟାଙ୍କି ନିର୍ମାଣ ହୋଇ ପାଇପ୍ ବିଛାଯାଇଥିବା ବେଳେ ପାଣି ଦିଆଯାଉନାହିଁ। ବିଭାଗ ପଞ୍ଚାୟତକୁ ଏହାର ଦାୟିତ୍ୱ ଦେଇଥିବା କହୁଥିବା ବେଳେ ପଞ୍ଚାୟତ ପକ୍ଷରୁ ଏହା କାର୍ଯ୍ୟକ୍ଷମ ହେଉନାହିଁ। ଏନେଇ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ ସୁଦ୍ଧା କୌଣସି ସ୍ଥାୟୀ ସମାଧାନ ହୋଇପାରି ନ ଥିବାରୁ ଏହାର ପ୍ରତିକାର ନିମନ୍ତେ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ପାଇଁ ବ୍ଲକ ଆଗରେ ଧାରଣାରେ ବସିଥିଲେ । ଏହି ଧାରଣାରେ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଓ ସମାଜସେବୀ ଗଙ୍ଗାଧର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।



ନୀଳଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ହତ୍ୟା ଉଦ୍ୟମ ମାମଲା: ୨ ଭାଇଙ୍କୁ ବର୍ଷେ ଲେଖାଏ ଜେଲ

**ଭଦ୍ରକ ଅଫିସ, ୨୨।୩**

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦତ୍ତ ପଟ୍ଟନାୟକ ମରଣାନ୍ତକ ଆକ୍ରମଣ ତଥା ହତ୍ୟା ଉଦ୍ୟମ ମାମଲାର ବିଚାର କରି ସୋମବାର ଦୋଷୀ ଚରମ୍ପା ଝଟିଆ ଗ୍ରାମର ରାମହରି ଦାସ ଓ ରମେଶ ଦାସଙ୍କୁ ବର୍ଷେ ଜେଲ ସହ ୧ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଜରିମାନା ଅନାଦାୟ ପୁଣି ୧ ମାସ ଜେଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୪ ଏପ୍ରିଲ ୨୨ରେ ଝଟିଆ ଗ୍ରାମର ରବୀନ୍ଦ୍ର ଦାସ ତାଙ୍କ ଚିକେନ ସେଣ୍ଟରରେ ମାଂସ ବିକୁଥିବା ବେଳେ ପଡ଼ୋଶୀ ଅରକ୍ଷିତ ଦାସ, ତାଙ୍କ ସ୍ତ୍ରୀ ଜେମାମଣି, ଦୁଇପୁଅ ରାମହରି ଓ ରମେଶ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ରବୀନ୍ଦ୍ରଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ଅଭିଯୋଗ କ୍ରମେ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ.୬୫୩/୧୪) ରୁଜୁ ହୋଇ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଜେମାମଣି ଓ ଅରକ୍ଷିତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ରମେଶ ଓ ରାମହରି ବିଚାର ସମୟରେ ଉପସ୍ଥିତ ନ ହେବାରୁ ସେମାନଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ସେହି ୱାରେଣ୍ଟ ବଳରେ ଦୁଇଭାଇ ଗିରଫ ହୋଇଥିଲେ। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜତିକାନ୍ତ ନାୟକ ମାମଲା ପରିଚାଳନା କରୁଥିଲେ।

## ନାତୁଣୀଙ୍କୁ ବଳାତ୍କାର, ଜେଜେବାପା ଗିରଫ

**ସାରସକଣା,୨୨।୩(ଡି.ଏନ.ଏ.):** ୪ ବର୍ଷର ନାତୁଣୀଙ୍କୁ ବଳାତ୍କାର କରି ଜେଜେବାପା ଗିରଫ ହେବା ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳରେ। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ମାମଲା(ନଂ.୬୩/୨୧) ରୁଜୁ କରି ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ରବିବାର ସକାଳେ ପୀଡ଼ିତାଙ୍କ ମା' ପଡ଼ୋଶୀ ଘରକୁ କାମ କରିବାକୁ ଯାଇଥିବା ସମୟରେ ସାନ ପୁଅ ଓ ଝିଅକୁ ଶ୍ୱଶୁରଙ୍କ ପାଖରେ ଛାଡ଼ି ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ଝିଅଟି ବାରଣ୍ଡାରେ ବସି କାନ୍ଦୁଥିଲା। ଘଟଣା ସମ୍ପର୍କରେ ପଚାରିବାରୁ ସେ ସବୁକଥା କହିଥିଲା। ଝିଅକୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ପୀଡ଼ିତାଙ୍କ ମା' ଦେଇଥିବା ଏତଲାକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଆଇଆଇସି ସୁଦର୍ଶନ ଗାଙ୍ଗୋଇ କହିଛନ୍ତି।

## ଜଳିଲା ଟ୍ରାନ୍ସଫର୍ମର, ବର୍ତ୍ତିଗଲେ ପାଖ ଦୋକାନୀ

**ସଜନାଗଡ଼, ୨୨।୩(ଡି.ଏନ.ଏ.):** ୬ଦିନ ପୂର୍ବେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ଟ୍ରାନ୍ସଫର୍ମର ଫାଟି ୪ଜଣ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ମନରୁ ନ ଲିଭିଣୁ ସୋମବାର ସକାଳେ ନୀଳଗିରି ଦୁର୍ଗାମଣ୍ଡପଠାରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ହଠାତ୍ ଜଳିଉଠିଥିଲା। ଉକ୍ତ ଟ୍ରାନ୍ସଫର୍ମର ମୁଖ୍ୟ ରାସ୍ତାଠାରୁ ମାତ୍ର ୬ଫୁଟ ଦୂରରେ ବସିଛି। ସୁରକ୍ଷା ଦୃଷ୍ଟିରୁ ଚତୁଃପାର୍ଶ୍ୱରେ କୌଣସି ତାରବାଡ଼ ଦିଆଯାଇନାହିଁ। ସକାଳେ ନିକଟସ୍ଥ ଦୋକାନଗୁଡ଼ିକ ଖୋଲି ନ ଥିବାରୁ ଅଳ୍ପକେ ବର୍ତ୍ତିଯାଇଛି। ତେବେ ନୀଳଗିରି ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା।

## ସରିଲା କପିଳମୁନି ମହୋତ୍ସବ

**ବାସୁଦେବପୁର/ ପଦ୍ମପୁର,୨୨।୩(ଡି.ଏନ.ଏ.)** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର କପିଳମୁନି ମହୋତ୍ସବ ଶେଷ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଅନ୍ୟତମ ଅତିଥି ବିଡିଓ ପ୍ରଣବ କୁମାର ବେହେରା, ଡ. ଆମ୍ବେଦକର ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଦେବେନ୍ଦ୍ର ପ୍ରସାଦ ମାଝୀ, ସରପଞ୍ଚ ଶାନ୍ତିଲତା ଦାସ ଓ ସମିତିସଭ୍ୟ ପ୍ରତିନିଧି ସୂର୍ଯ୍ୟକାନ୍ତ ମହାନ୍ତି ଯୋଗ ଦେଇଥିଲେ। ଏକପାଦ ନୃତ୍ୟଶିଳ୍ପୀ ଗୁରୁ ନିତ୍ୟାନନ୍ଦ ଦାସ ଓ ବିଜୟ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବିଧାୟକ ରାଉତରାୟ ଶ୍ରୀଜଗନ୍ନାଥଙ୍କ ଭଜନ ଗାଇଥିଲେ। ଯାତ୍ରା କଳାକାର ନିତ୍ୟାନନ୍ଦ ପାଢ଼ୀ ଏବଂ ନିର୍ଦ୍ଦେଶକ ଡ. ମାଝୀଙ୍କୁ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସମ୍ମାନ, ସାମାଜିକ କର୍ମୀ କରୁଣାକର ମିଶ୍ରଙ୍କୁ ଶାନ୍ତି ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦିବ୍ୟାଙ୍ଗ କଳାକାର ହରିହର ଦେଓ, ଗୁରୁ ବିଜୟ ଦାସ, ନିତ୍ୟାନନ୍ଦ ଦାସଙ୍କୁ ଯଦୁନାଥ ଖିଲାର ସମ୍ମାନିତ କରାଯାଇଥିଲା।

## ମହିଳାଙ୍କ ସମେତ ୩ କୋର୍ଟଚାଲାଣ

**ବାଙ୍ଗିରିପୋଷି,୨୨।୩(ଡି.ଏନ.ଏ)**

**ଏକାଦଶୀ ବେହେରା ହତ୍ୟା ଘଟଣାର ପର୍ଦ୍ଦାଫାଶ**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଶାଳବଣି ଗ୍ରାମର ଏକାଦଶୀ ବେହେରାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଜଣେ ବିବାହିତ ମହିଳାଙ୍କ ସହ ସମ୍ପର୍କ ରଖିବା କାରଣରୁ ତାଙ୍କୁ ହତ୍ୟାକରି ପୋଖରୀରେ ଫିଙ୍ଗି ଦିଆଯାଇଥିଲା ବୋଲି ପୋଲିସ କହିଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗତ ଫେବୃୟାରୀ ୧୨ ତାରିଖ ସକାଳୁ ଏକାଦଶୀଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଏକ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ମୃତଦେହରେ ଏକାଧିକ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ପରିବାର ଲୋକେ ବାଙ୍ଗିରିପୋଷି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା(ନଂ.୪୫/୨୧) ରୁଜୁ କରି ସଦର ଏସ୍‌ଡିପିଓ କେ.କେ.ହରିପ୍ରସାଦ ଓ ଥାନା ଅଧିକାରୀ ଦୟାନିଧି ଦାସ ତଦନ୍ତ ଜାରି ରଖିଥିଲେ। ଶେଷରେ ପୋଲିସ ଏହି ଘଟଣାର ପର୍ଦ୍ଦାଫାସ କରିବାରେ ସଫଳ ହୋଇଛି। ଆଇଆଇସିଙ୍କ ସୂଚନା ଅନୁଯାୟୀ, ମୃତ ଏକାଦଶୀ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ଘରକୁ ପ୍ରାୟ ଯିବା ଆସିବା କରୁଥିଲେ। ଏହାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ଫେବୃୟାରୀ ୧୧ ତାରିଖ ରାତିରେ ଜଣେ ଯୁବକଙ୍କ ସହାୟତାରେ ଭୋଜି କରିବା ବାହାନାରେ ଏକାଦଶୀଙ୍କୁ ଘରକୁ ଡକାଇ ହତ୍ୟା କରିବା ପରେ ଗ୍ରାମ ନିକଟସ୍ଥ ଏକ ପୋଖରୀରେ ଫିଙ୍ଗି ଦିଆଯାଇଥିଲା।

## ଜଙ୍ଗଲ ନିଆଁରେ ଜଗୁଆଳିଙ୍କ ମୃତ୍ୟୁ ଘଟଣା: ୨ଗିରଫ

**ଠାକୁରମୁଣ୍ଡା,୨୨।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଜଡିବିଲ ସଂରକ୍ଷିତ ଜଙ୍ଗଲରେ ଗତ ରବିବାର ଜଙ୍ଗଲ ନିଆଁରେ ପୋଡ଼ି ହୋଇ ଜଗୁଆଳି ଯାଦବ ମହାନ୍ତଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଠାକୁରମୁଣ୍ଡା ଥାନା ପୋଲିସ ସୋମବାର ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିମଳା ମହାନ୍ତ ଓ ରାଜୁ ହୋ। ଅନ୍ୟପକ୍ଷରେ ଟାଇଗର ଫାଉଣ୍ଡେସନ ପକ୍ଷରୁ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଜଡିବିଲ ୧ନଂ. ସଂରକ୍ଷିତ ଜଙ୍ଗଲକୁ ଲାଗି ଟିକଟଭୁକ୍ତ ଜାଗାରେ ଥିବା ମହୁଲ ଗଛ ମୂଳରେ ନିଆଁ ଲଗାଯାଇଥିଲା। ସେଠାରୁ ନିଆଁ ଉଡ଼ି ସଂରକ୍ଷିତ ଜଙ୍ଗଲରେ ବ୍ୟାପି ଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ନିଆଁକୁ ଲିଭାଇବାକୁ ଯାଇ ନର୍ସରି ଜଗୁଆଳି ଯଦୁମଣିଙ୍କର ଘଟଣାସ୍ଥଳରେ ପୋଡ଼ି ଯାଇ ମୃତ୍ୟୁ ହୋଇଥିଲା। ଏନେଇ ଯଦୁମଣିଙ୍କ ପୁଅ ରମେଶ ଠାକୁରମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୩୨/୨୧) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବା ସୂଚନା ଦେଇଛି।

## କୁକୁର କାମୁଡ଼ାରେ ଶିଶୁ ଆହତ

**କେନ୍ଦୁଝର, ୨୨।୩ (ସ୍ୱ.ପ୍ର.)**

କେନ୍ଦୁଝର ସହରକୁ ଲାଗିଥିବା ଗୁମୁରା ଗ୍ରାମରେ ଜଣେ ୪ ବର୍ଷର ବାବୁଲୁ ନାଏକ କୁକୁର କାମୁଡାରେ ଆହତ ହୋଇଛନ୍ତି। ଉକ୍ତ କୁକୁର ଜଣେ ବଡ଼ବଡ଼ିଆଙ୍କର ପାଳିତ କୁକୁର। ସମ୍ପୃକ୍ତ ବ୍ୟକ୍ତି ଉକ୍ତ ଗରିବ ଅସହାୟ ଶିଶୁ ଓ ତାଙ୍କ ପରିବାରକୁ ସହାୟତା କରିବା ପରିବର୍ତ୍ତେ ହାତରେ କିଛି ଟଙ୍କା ଦେଇ ଦୋଷକୁ ଲୁଚାଇ ଦେବାକୁ କରିଥିବା ଉଦ୍ୟମକୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏବେ ଶିଶୁଟି ଚିକିତ୍ସାଧୀନ ଥିଲେ ହେଁ ପାଟିରୁ ଲାଳ ବାହାରୁଥିବାରୁ ତାଙ୍କ ମା' ପିଙ୍କୁଲି ପୁଅକୁ ନେଇ ଚିନ୍ତାରେ। ତାଙ୍କୁ ସହାୟତା ଯୋଗାଇ ଦେବା ଲାଗି ସ୍ଥାନୀୟ ଲୋକ ଦାବି କରିଛନ୍ତି ।

## ମଦମାଫିଆଙ୍କ ଆକ୍ରମଣରେ ୨ ପୋଲିସ କର୍ମଚାରୀ ଆହତ

**ବାହାନଗା, ୨୨।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସଲ୍ଟ ରୋଡରେ ଭୀମପୁର ଛକ ନିକଟରେ ସୋମବାର ସକାଳେ ମଦ ଚୋରାଚାଲାଣକାରୀଙ୍କୁ ଧରିବାକୁ ଯାଇ ୨ ପୋଲିସ କର୍ମଚାରୀ ମଦ ମାଫିଆଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଏନେଇ ଫାଣ୍ଡିର କନଷ୍ଟେବଲ ମୁକ୍ତିକାନ୍ତ ସନ୍ଧିବିଗ୍ରହ ଖନ୍ତାପଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(୯୧/୨୧) ରୁଜୁ କରିଛି। ସଲ୍ଟରୋଡ ଦେଇ ବାସୁଦେବପୁର ଆଡକୁ ୮/୯ ବାଇକ୍‌ରେ ଦେଶୀମଦ ଧରି ଆସୁଥିବା ଚୋରାମଦ ବେପାରୀମାନଙ୍କୁ ପୋଲିସ ଭୀମପୁର ଛକ ନିକଟରେ ଅଟକାଇଥିଲା। ପୋଲିସକୁ ଦେଖି ଚାଲାଣକାରୀମାନେ ବାଇକ ଛାଡି ଦୌଡି ପଳାଇଥିଲେ। ପୋଲିସ୍ କାର୍‌ରେ କିଛି ମଦ ଭର୍ତ୍ତି କରିବା ସହିତ ଅନ୍ୟ ଦୁଇ କର୍ମଚାରୀ ଛାଡିଯାଇଥିବା ବାଇକ୍ ଧରି ଗୋପାଳପୁର ଫେରୁଥିବା ବେଳେ ହଠାତ୍ ୧୦ରୁ ୧୨ଜଣ ମଦମାଫିଆ ବାଇକ୍ ଧରି ଆସୁଥିବା ଜଣେ କନଷ୍ଟେବଲଙ୍କୁ ମରଣାନ୍ତକ ଆକ୍ରମଣ କରି ଗାଡି ଛଡାଇନେଇଥିଲେ। ଏହାସହ ସେମାନେ ଫାଣ୍ଡି ଅଧିକାରୀ ବଂଶୀଧର ପ୍ରଧାନଙ୍କ କାରକୁ ଆକ୍ରମଣ କରି କାଚ ଭାଙ୍ଗି ଦେଇ ଫାଣ୍ଡି ଅଧିକାରୀ ଓ ଡ୍ରାଇଭରଙ୍କୁ ବାହାରକୁ ଆଣି ମାଡ ମାରିବା ସହିତ କାରକୁ ନେଇ ପଳାଇଥିଲେ ।

## ଧାନ କ୍ରୟ ଦାବିରେ ଗଣଧାରଣା

**ଭଦ୍ରକ ଅଫିସ,୨୨।୩**

ଚାଷୀଙ୍କ କଷ୍ଟୋପାର୍ଜିତ ଧାନ ସରକାରୀ ମୂଲ୍ୟରେ ମଣ୍ଡି ମାଧ୍ୟମରେ କ୍ରୟ ଦାବିରେ ସୋମବାର କୃଷକ ସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଅଖିଳ ଭାରତ କୃଷକ ସଭା ସହବନ୍ଧିତ ଓଡ଼ିଶା କୃଷକ ସଭାର ଜିଲା କମିଟି ପକ୍ଷରୁ ବନ୍ତ ଛକଠାରୁ ଏକ ଶୋଭାଯାତ୍ରାରେ ଆସି ଚାଷୀମାନେ ଜିଲାପାଳଙ୍କ ଅଫିସ୍ ଆଗରେ ଧାରଣା ଦେଇଥିଲେ। ଜିଲାର ଅଳ୍ପ କେତେଜଣ ଚାଷୀ ଧାନ ବିକ୍ରି କରିଥିବା ବେଳେ ଜଣେ ହେଲେ ବି ଭାଗଚାଷୀ ବିକି ପାରି ନାହାନ୍ତି। ସରକାର ଭାଗଚାଷୀଙ୍କଠାରୁ ଧାନ କିଣିବା ପାଇଁ କୌଣସି ଆଇନଗତ ବ୍ୟବସ୍ଥା କରିନାହାନ୍ତି ବୋଲି ସେମାନେ କହିଥିଲେ। କୃଷକ ସଭାର ଜିଲା ସଭାପତି ଚନ୍ଦ୍ରଶେଖର ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଭାସ ମହାପାତ୍ର, ଯୁଗ୍ମ ସମ୍ପାଦକ ବିକାଶ ନାଥ, କୃଷକନେତା ଅଭିରାମ ବଳ, ଓଡ଼ିଶା କ୍ଷେତ ମଜଦୁର ୟୁନିୟନର ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ପାଢ଼ୀ, ଆଇନଜୀବୀ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଚାନ୍ଦବାଲି ବ୍ଲକ ସଭାନେତ୍ରୀ ମଧୁସ୍ମିତା ପାକଳ, ମହିଳା ନେତ୍ରୀ ରୋଜାଲିନ ସାମ୍ୟବାଦୀ, କୃଷକ ନେତା ଜୟନ୍ତୁଲ ଆବେଦନ ପ୍ରମୁଖ ନେତୃତ୍ୱ ନେଇଥିଲେ। ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଭଦ୍ରକ ବନ୍ଦ କରାଯିବ ବୋଲି ଚାଷୀ ନେତାମାନେ ଚେତାବନୀ ଦେଇଛନ୍ତି।

## ଏପ୍ରିଲ ୨୮ରେ ସାରଡାଙ୍ଗା ସରପଞ୍ଚ ଉପନିର୍ବାଚନ

**ଖଇରା, ୨୨।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ସାରଡାଙ୍ଗା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଆସନ୍ତା ଏପ୍ରିଲ ୨୮ ତାରିଖରେ ଉପନିର୍ବାଚନ ହେବା ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ତରଫରୁ ଚିଠି କରାଯାଇଛି । ଉକ୍ତ ଚିଠି ମୁତାବକ ମାର୍ଚ୍ଚ ୨୫ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି, ୩୦ରୁ ଏପ୍ରିଲ ୫ ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ, ୭ରେ ତାଲିକା ପ୍ରକାଶ,୯ରେ ପ୍ରତ୍ୟାହାର, ୯ରେ ଚୂଡାନ୍ତ ତାଲିକା ପ୍ରକାଶ ଓ ୨୮ରେ ନିର୍ବାଚନ ଅନୁଷ୍ଠିତ ହେବ। ସକାଳ ୭ଟାରୁ ୧୨ଟା ମଧ୍ୟରେ ଏହି ଉପନିର୍ବାଚନ ଅନୁଷ୍ଠିତ ହେବ । ୨୯ ରେ ଗଣତି ଏବଂ ୩୦ରେ ଆନୁଷ୍ଠାନିକ ଭାବେ ନାମ ଘୋଷଣା କରାଯିବ । ଉକ୍ତ ପଞ୍ଚାୟତର ସରପଞ୍ଚ ହରିହର କୁଣ୍ଡୁଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡିଥିଲା।

## ପ୍ରଶାସନିକ ଅଫିସରେ ତାଲା

**କେନ୍ଦୁଝର, ୨୨।୩ (ସ୍ୱ.ପ୍ର./ ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ପାଣି, ବିଦ୍ୟୁତ୍, ଇଣ୍ଟରନେଟ୍ ଆଦି ସମସ୍ୟାକୁ ନେଇ ଆବାସିକ ଛାତ୍ରୀଛାତ୍ରମାନେ ପ୍ରଶାସନିକ ଅଫିସକୁ ତାଲା ପକାଇ ଦେଇଥିଲେ। ପରେ ୭ଦିନ ମଧ୍ୟରେ ସମସ୍ୟା ସମାଧାନ କରିବା ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପ୍ରକାଶ ଯେ ଏହି କଲେଜର ଚାରୋଟି ହଷ୍ଟେଲରେ ପାଖାପାଖି ଏକ ହଜାର ଛାତ୍ରୀଛାତ୍ର ରହୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପାନୀୟଜଳ ସମସ୍ୟା ଦୂର ହୋଇ ପାରୁ ନ ଥିବାରୁ ସେମାନେ ନିତ୍ୟକର୍ମ କରିପାରୁନାହାନ୍ତି। ଏହା ଛଡା ବାରମ୍ବାର ବିଦ୍ୟୁତକାଟ ଯୋଗୁ ଜଳ ଯୋଗାଣ ସାଙ୍ଗକୁ ପାଠପଢା ବ୍ୟାଘାତ ଘଟୁଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବାରୁ ସୋମବାର ମା ତାରିଣୀ ହଲ ଅଫ ରେସିଡେନ୍ସର ଛାତ୍ରୀଛାତ୍ରମାନେ ଉତ୍ତ୍ୟକ୍ତ ହୋଇ ପ୍ରଶାସନିକ ଅଫିସକୁ ତାଲା ପକାଇ ପ୍ରତିବାଦ କରିଥିଲେ। ଏନେଇ ଅଧ୍ୟକ୍ଷ ତ୍ରିଲୋଚନ ସାହୁ କହିଛନ୍ତି ସମସ୍ୟା ସମାଧାନ କରିବା ପାଇଁ ସାତ ଦିନ ସମୟ ନିଆଯାଇଛି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ସମାଧାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।


ଛାତ୍ରୀଛାତ୍ରମାନେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

## ନବଜାତକକୁ ଛାଡ଼ି ଚାଲିଗଲେ ମା'

**ଭଦ୍ରକ ଅଫିସ, ୨୨।୩**

ଭଦ୍ରକ ଚରମ୍ପା ନିକଟ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ସୋମବାର ବସିଥିବା ଯୁବକଙ୍କୁ ଜଣେ ମହିଳା କାମ ସାରି ଆସିବା ପର୍ଯ୍ୟନ୍ତ ତାଙ୍କ ପିଲାକୁ ଧରିବା ପାଇଁ କହି କେଉଁଆଡ଼େ ଚାଲିଯାଇଥିଲେ। ତିନିଘଣ୍ଟା ପରେ ମହିଳା ଜଣଙ୍କ ନ ଫେରିବାରୁ ଶେଷରେ ଟାଉନ ପୋଲିସକୁ ଖବର ଦେଇଥିଲେ ଯୁବକ। ପୋଲିସ ଓ ଚାଇଲ୍ଡ ଲାଇନ କର୍ମକର୍ତ୍ତା ପହଞ୍ଚି ନବଜାତକକୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ନବଜାତକ ଜଣେ ଶିଶୁପୁତ୍ର ଓ ୧୦ ଦିନର ହୋଇଥାଇପାରେ ବୋଲି ଚାଇଲ୍ଡ ଲାଇନ ପକ୍ଷରୁ ଅନୁମାନ କରାଯାଉଛି। ଶିଶୁକୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗରେ ଭର୍ତ୍ତି କରାଯାଇଥିବା ଟାଉନ ପୋଲିସ ସୂଚନା ଦେଇଛି।

## ସଫଳ କାହାଣୀର ଶୀର୍ଷକ ସାଜିଲେ ବାଦଲ

**କେନ୍ଦୁଝର, ୨୨।୩(ଡି.ଏନ୍.ଏ.)**

**ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ**

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ କାହାଣୀର ଶୀର୍ଷକ ସାଜିଛନ୍ତି ୧୩ ବର୍ଷୀୟ ବାଦଲ ପଇଦା। ଘଟଗାଁ ବ୍ଲକ ଅନ୍ତର୍ଗତ କୁଣ୍ଡାପିଠା ଗ୍ରାମର ରବୀନ୍ଦ୍ର ପଇଦା ଓ ଜୟନ୍ତୀ ପଇଦାଙ୍କ ପୁଅ ବାଦଲ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ହୃତପିଣ୍ଡ ପ୍ରତିରୋପଣ କ୍ଷେତ୍ରରେ ଓଡିଶା ତଥା ପୂର୍ବ ଭାରତର ସର୍ବପ୍ରଥମ ଶିଶୁ ବିବେଚିତ ହୋଇ ସଫଳ କାହାଣୀର ଶୀର୍ଷକ ସାଜିଛନ୍ତି। ଏହି ଅବସରରେ ଚଳିତ ମାର୍ଚ୍ଚ ୨୨ ତାରିଖ ସୋମବାର ମଧ୍ୟାହ୍ନରେ ଦରବାର ହଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଆଶିଷ ଠାକ୍‌ରେ ବାଦଲକୁ ସମ୍ବର୍ଦ୍ଧିତ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏତଦ୍‌ବ୍ୟତୀତ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା/ରୋଗରୁ ମାଗଣାରେ ଚିକିତ୍ସିତ ହୋଇ ଉପକୃତ ହୋଇଥିବା ଶିଶୁମାନଙ୍କୁ ମଧ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାଦଲର ଚିକିତ୍ସା ଓ ହୃତପିଣ୍ଡ ପ୍ରତିରୋପଣ ସରକାରୀ ଖର୍ଚ୍ଚରେ କରାଯାଇଛି ବୋଲି ସୂଚନା ଦେଇଥିଲେ। ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାଃ ଅଶୋକ କୁମାର ଦାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଡିପିଏଚ୍‌ଓ ଡ଼ାଃ ପ୍ରଣତିନୀ ନାୟକ, ଡିପିଏମ୍ ଏନ୍‌ଏଚ୍‌ଏମ୍ ଦିଲ୍ଲୀପ କୁମାର ଦୁବେ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ, ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଏଥିରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ଆଶିଷ ଠାକ୍‌ରେଙ୍କ ସହ ବାଦଲ ଓ ତାଙ୍କ ବାପା।

